## ସଂକ୍ଷେପରେ

### ଘରେ ପଶି ଟଙ୍କା, ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ

**ଦିଗପହଣ୍ଡି,୩୧।୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗାଁର ବିଚିତ୍ର ମାଝିଙ୍କ ଘରୁ ୩୦ ହଜାର ଟଙ୍କା, ୫ ଭରି ସୁନା ଅଳଙ୍କାର ଦୁର୍ବୃତ୍ତମାନେ ଲୁଟି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏ ନେଇ ଦିଗପହଣ୍ଡି ପୋଲିସ ନଂ. ୨୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।
ପ୍ରକାଶ ଯେ, ବିଚିତ୍ର ଝିଅ ବାହାଘର ପାଇଁ ଟଙ୍କା ସୁନା, ରୁପା ଓ ଅନ୍ୟାନ୍ୟ ଆସବାବ ପତ୍ର ଘରେ ସାଇତି ରଖିଥିଲେ। ଗତ ବୁଧବାର ରାତିରେ ବିଚିତ୍ରଙ୍କ ଅନୁପସ୍ଥିତିରେ ତାଙ୍କ ମା'ଓ ଭଉଣୀ ରାତି ଭୋଜନ ସାରି ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ଘରେ ପଶି ଆଲମିରାରେ ଥିବା ସମସ୍ତ ଟଙ୍କା, ସୁନା, ରୁପା ଅଳଙ୍କାର, ଶାଢ଼ୀ ଲୁଟି ନେଇଥିବା ଏତଲାରେ ଉଲ୍ଲେଖ ରହିଛି।

### ବୋହୂଙ୍କୁ ଶ୍ୱଶୁରଙ୍କ ଆକ୍ରମଣ

**ବ୍ରହ୍ମପୁର ଅଫିସ,୩୧।୧:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ଦଣ୍ଡକାଳୀ ମନ୍ଦିର ନିକଟରେ ଶୁକ୍ରବାର ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର କୌଣସି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ସ୍ଥାନୀୟ ଲୋକେ ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ଏହି ଖବରପାଇ ଘଟଣାସ୍ଥଳରେ ପହଞ୍ଚିଛି। ଆକ୍ରମଣର ଶିକାର ହୋଇଥିବା ମହିଳା ଜଣଙ୍କ ଏ ନେଇ ରାତି ୯ଟା ସୁଦ୍ଧା ଥାନାରେ ଅଭିଯୋଗ କରି ନ ଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

### ସାନଖେମୁଣ୍ଡି ସାହିତ୍ୟ ସଂସଦ ଆସର

**ପାଟପୁର,୩୧।୧:** ସାନଖେମୁଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ମହାନଳା ଶିକ୍ଷକ ଭବନଠାରେ ଏକ ବୈଠକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଓ ସଙ୍ଗଠକ ଡ.ଲକ୍ଷ୍ମୀ ନାରାୟଣ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ଡଃ ହରିକୃଷ୍ଣ ନାୟକ, ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ରଚିତ ଲେଖନୀ ସମୂହରେ ସାମାଜିକ ପ୍ରତିବଦ୍ଧତା ଯୁଗ ଯୁଗ ଧରି ରହିଛି ଓ ରହିଥିବ ବୋଲି ଉକ୍ତ ସମାବେଶରେ ବିଶିଷ୍ଟ ସାହିତ୍ୟିକମାନେ ମତପ୍ରକାଶ କରିଛନ୍ତି। ଏହି ସାହିତ୍ୟ ଆସରକୁ ଚାନ୍ଦିପୁଟ କଲେଜ ଅଧାପକ ଡ. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ସମ୍ପାଦକ ଡ. ପ୍ରଣବାନନ୍ଦ ପାଢୀଯୋଷି ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଶିବରାମ ସାବତ, ସହ-ସମ୍ପାଦିକା ସୁରଭି ରାଣୀ ନାୟକ ସଂଯୋଜନା କରିଥିଲେ। ସୋମନାଥ ଦାଶ ଶର୍ମା, ଡ. ହରିକୃଷ୍ଣ ନାୟକ, ଡ. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ବିଚିତ୍ର ଦୋରା, ପୀତବାସ ତ୍ରିପାଠୀ, ଶିବରାମ ସାବତ, ସୁରେଶ କୁମାର ନାୟକ ପ୍ରମୁଖ କବିତା ପାଠ କରିଥିଲେ।

# ୧୫ ସୁଦ୍ଧା ବକେୟା ପୈଠ ନ କଲେ ବିଦ୍ୟୁତ୍ ବିଚ୍ଛିନ୍ନ



ଖବରଦାତା ସମ୍ମିଳନୀରେ ଏଓ ଏବଂ ଅନ୍ୟମାନେ।

**■ସାଉଥ୍‌କୋର ବକେୟା ପଡ଼ିଛି ୧୩୭୪.୨୬ କୋଟି**

**■ବିଲ ପୈଠ କରିନାହାନ୍ତି ୧୫.୭୩ ଲକ୍ଷ ଉପଭୋକ୍ତା**

**ବ୍ରହ୍ମପୁର ଅଫିସ,୩୧।୧**

ଦକ୍ଷିଣାଞ୍ଚଳ ବିଦ୍ୟୁତ ପରିବର୍ଣ୍ଟନ ସଂସ୍ଥା ସାଉଥକୋ ଅଧୀନ ୮ ଜିଲାର ୧୫ ଲକ୍ଷ ୭୩ ହଜାର ୮୧୫ ଉପଭୋକ୍ତାଙ୍କ ଉପରେ ୧୩୭୪.୨୬ କୋଟି ଟଙ୍କା ବକେୟା ପଡ଼ିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଉପଭୋକ୍ତା ବକେୟା ପୈଠ କରିବା ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ନଚେତ୍ ବିଦ୍ୟୁତ ଆଇନ ୨୦୦୩ର ଧାରା ୫୬ ଅନୁସାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ବୋଲି ଚେତାବନୀ ଦିଆଯାଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ବୌଦ୍ଧ ଜିଲାର ଉପଭୋକ୍ତାମାନଙ୍କୁ ବିଭିନ୍ନ ଭାବରେ ସଚେତନ କରାଯାଇଛି। ନିର୍ଦ୍ଦେଶ ନ ମାନିଲେ ଆସନ୍ତା ୧୬ରୁ ପର୍ଯ୍ୟାୟକ୍ରମେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସ୍ପଷ୍ଟ କରି ଦିଆଯାଇଛି। ଶୁକ୍ରବାର ସ୍ଥାନୀୟ ରାଜସ୍ୱ ବିଭାଗ ଡ଼ାକ ବଙ୍ଗଳା ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାଉଥକୋର ନୂଆ ପ୍ରଶାସନିକ ଅଧିକାରୀ (ଏଓ) ପ୍ରଦୀପ କୁମାର ସାହୁ ଏହି ସୂଚନା ଦେଇଛନ୍ତି।
ଲକ୍ଷ ଲକ୍ଷ ଉପଭୋକ୍ତା ବିଦ୍ୟୁତ ବିଲ ପୈଠ କରୁ ନ ଥିବାରୁ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ୧୦ ହଜାରରୁ ଅଧିକ ଟଙ୍କା ପୈଠ କରି ନ ଥିଲେ ଅନ୍ୟତମ ପରିବର୍ଣ୍ଟନ ସଂସ୍ଥା ସେସୁ ଭଳି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ। ପର୍ଯ୍ୟାୟକ୍ରମେ ପୈଠ କରିବାର ସୁଯୋଗ ଦିଆଯିବ। କଳ କାରଖାନା, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ପ୍ରତି ଆଦାୟ ଆଭିମୁଖ୍ୟ କଠୋର କରାଯିବ ବୋଲି ଏଓ ସ୍ପଷ୍ଟ କରିଦେଇଛନ୍ତି ।
ଉପରୋକ୍ତ ଜିଲାଗୁଡ଼ିକରେ ସାଉଥକୋର ଥିବା ୧୮ ଡିଭିଜନ ପକ୍ଷରୁ ଫେବୃୟାରୀ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ବକେୟା ବିଲ ପୈଠ ନିମନ୍ତେ ସମୟ ଦିଆଯିବ। ୧୬ ତାରିଖରୁ ସବୁଠି ଚଢ଼ାଉ ଅଭିଯାନକୁ ଜୋରଦାର କରାଯିବ। ଯେଉଁ ଉପଭୋକ୍ତାଙ୍କ ତ୍ରୁଟିପୂର୍ଣ୍ଣ ବିଲ ଥିବ ତାହା ମଧ୍ୟ ଏସଡିଓ ଏବଂ ଜେଇଙ୍କ ପାଖରେ ଅଭିଯୋଗ କରାଗଲେ ସଂଶୋଧନ କରାଯିବ ବୋଲି ଏଓ ସାହୁ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସାଉଥକୋ ବ୍ରହ୍ମପୁର ସିଟି ସର୍କଲ ଏସଇଙ୍କ ସମେତ ଅନ୍ୟ ଅଧିକାରୀ ଓ ଇଞ୍ଜିନିୟର ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ୨ ଗୁରୁତର

**ବୁଗୁଡ଼ା,୩୧।୧(ଡି.ଏନ.ଏ.)**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ବେଲପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁଶୀଳା ସ୍ୱାଇଁ ଓ ପ୍ରହଲ୍ଲାଦ ସ୍ୱାଇଁ। ଉଭୟଙ୍କୁ ପ୍ରଥମେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି। ଏ ନେଇ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପ୍ରକାଶ ଯେ, ବେଲପଡ଼ାର ବଡ଼ବାପା ପୁଅ ଭାଇ ପ୍ରହଲ୍ଲାଦ ଓ ଦାଦାପୁଅ ଭାଇ ଗୋପାଳ ସ୍ୱାଇଁଙ୍କ ମଧ୍ୟରେ ପ୍ରାୟ ୨ ବର୍ଷ ହେଲା ବିଭିନ୍ନ କାରଣରୁ ଶତ୍ରୁତା ଲାଗି ରହିଥିଲା। ଗୁରୁବାର ଗାଁରେ ଏକ ଭୋଜିକୁ ଗୋପାଳ ରୋଷେଇ କରିବାକୁ ଯାଇଥିଲେ। ସେଠାରେ ଭୋଜି ରନ୍ଧାକୁ କେନ୍ଦ୍ରକରି ଗୋପାଳ ଓ ପ୍ରହଲ୍ଲାଦଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ଗୋପାଳ ଗାଁକୁ ଗଲା ବେଳେ ପ୍ରହଲ୍ଲାଦ ଓ କେତେ ଜଣ ମିଶି ତାଙ୍କସହିତ ପାଟିତୁଣ୍ଡ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଗୋପାଳଙ୍କ ମା' ସୁଶୀଳା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଠେଙ୍ଗା ଆକ୍ରମଣ ହୋଇଥିଲା। ଅନ୍ୟପକ୍ଷରେ ପ୍ରହଲ୍ଲାଦଙ୍କ ମୁଣ୍ଡକୁ ମଧ୍ୟ ଆଘାତ ଲାଗିଥିଲା। ଖବର ପାଇ ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଯୁବତୀଙ୍କୁ ପ୍ରତାରଣା, ଥାନାରେ ଏତଲା

**ଦିଗପହଣ୍ଡି,୩୧।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅଞ୍ଚଳର ଏକ ଗାଁରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଥମେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଶାରିରୀକ ସମ୍ପର୍କ ଓ ବିବାହ ପାଇଁ କହିବାରୁ ଅଭିଯୁକ୍ତ ବିବାହିତ ରାଜମିସ୍ତ୍ରୀ ଯୁବତୀଙ୍କୁ ପ୍ରତାରଣା କରିଥିବା ଏତଲାରେ ଉଲ୍ଲେଖ ରହିଛି। ପ୍ରତାରିତା ଯୁବତୀ ଜଣକ ଏନେଇ କେ. ନୂଆଗାଁ ଥାନାରେ ଏତଲା ଦେଇଥିବା କହିଛନ୍ତି। ନଂ. ୨୪/୨୦ରେ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ଗତ ପ୍ରାୟ ୧ବର୍ଷ ପୂର୍ବେ ଯୁବତୀଙ୍କ ସହ ତାଙ୍କର ଦେଖା ହୋଇଥିଲା। ଉଭୟେ ପରସ୍ପରଙ୍କୁ ଭଲ ପାଇ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଡ଼ିସେମ୍ବର ୧୨ରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ସାଥିରେ ନେଇ ଗାଁରୁ ଫେରାର ହୋଇଯାଇଥିଲେ। ପରେ ଯୁବତୀଙ୍କୁ ସେ ଧୋକ୍କା ଦେଇ ଫେରାର ହୋଇଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ଗ୍ରାମରେ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

# ଦଣ୍ଡକାଳୀ ମନ୍ଦିରରେ ସାମୂହିକ ବ୍ରତୋପନୟନ


ବ୍ରତୋପନୟନ ହୋଇଥିବା ନବ ବ୍ରହ୍ମଚାରୀ।

**ବ୍ରହ୍ମପୁର ଅଫିସ,୩୧।୧**

ମା' ବୁଢୀ ଦଣ୍ଡକାଳି ମନ୍ଦିର ପରିଚାଳନା କମିଟି ପକ୍ଷରୁ ପଞ୍ଚୁଦଳ ସାହି ଦଣ୍ଡକାଳୀ ମନ୍ଦିର ପରିସରରେ ଶୁକ୍ରବାର ଗରିବ ନବ ବ୍ରହ୍ମଚାରୀଙ୍କ ସାମୁହିକ ବ୍ରତୋପନୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରାମକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମାଞ୍ଚଳର ୯ ଗରିବ ନବ ବ୍ରହ୍ମଚାରୀଙ୍କ ବ୍ରତୋପନୟନ କରାଯାଇଥିଲା। ଏଥିସହ କାଳୀ ମନ୍ଦିରର ପୁନଃ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ଏଥିରେ ଉମା ଶଙ୍କର ଆଚାରୀ, ନାରାୟଣ ମହାପାତ୍ର, ପ୍ରସାଦ ନାୟକ, ସନ୍ତୋଷ, ନାରାୟଣ ଦାସଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରଥମଥର ପାଇଁ କମିଟି ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

### ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ସୋରଡ଼ା,୩୧।୧(ଡି.ଏନ.ଏ.)**

ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅତିଥିମାନେ ଯୋଗଦେଇ ପୂର୍ବରୁ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଅପରାହ୍ନରେ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶିଶିର କାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମଧ୍ୟ ପୂର୍ବରୁ ଅନୁଷ୍ଠିତ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନେ ସାମୁହିକ ସଂଗୀତ ସହ ନୃତ୍ୟ ପରିବେଷଣ କରିଥିଲେ। ଉଭୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଡିଓ ସୀମାଞ୍ଚଳ ମଣ୍ଡଳ, ଥାନାଧିକାରୀ ରମେଶ କୁମାର ପ୍ରଧାନ, ବିଇଓ ବିଜୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଉପଜିଲାପାଳଙ୍କ ଦ୍ୱାରା ସିଆର୍‌ସିସି ସମ୍ମାନିତ


ଉପଜିଲାପାଳ ସିଆର୍‌ସିସିଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

**ପାତ୍ରପୁର,୩୧।୯ (ଡି.ଏନ୍.ଏ.)**

ଜାତୀୟ ଭୋଟର ଦିବସ ଅବସରରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦାତ୍ତାତ୍ରେୟ ଭାଉସାହେବ ବୁଧବାର ସିଆର୍‌ସିସି ଟୁଟୁ ପ୍ରଧାନଙ୍କୁ ମାନପତ୍ର, ସିଲ୍ ପ୍ରଦାନ କରିଛନ୍ତି। ପାତ୍ରପୁର କ୍ଲଷ୍ଟର ସିଆର୍‌ସିସି ଟୁଟୁ ପ୍ରଧାନ ଦକ୍ଷତାର ସହ ବିଏଲ୍‌ଓ ମାନଙ୍କୁ ଧରି ଜାତୀୟ ଭୋଟର ଦିବସ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ସଫଳ ରୂପାୟନ କରିଥିଲେ। ଯେଉଁଥିପାଇଁ ଏହି ମାନପତ୍ର ପ୍ରଦାନ ପାଇଁ ଉପଜିଲାପାଳ ଟୁଟୁ ପ୍ରଧାନଙ୍କୁ ମନୋନୀତ କରିଥିଲେ। ଏହି ସଫଳତା ପାଇଁ ପାତ୍ରପୁର ବ୍ଲକ ବିଡିଓ, ଜିପିଓ, ବିଏଲ୍‌ଓ ଓ ସମସ୍ତ କର୍ମଚାରୀଙ୍କୁ ଶ୍ରେୟ ଦେଇଛନ୍ତି।

# ଗୋପାଳପୁର ବସ୍ତି ଅଞ୍ଚଳକୁ ସ୍ୱତନ୍ତ୍ର ରୂପରେଖ ଦିଆଯିବ

**ଗୋପାଳପୁର,୩୧।୧**

ଗୋପାଳପୁର ବିଜ୍ଞାପିତ ଅଞ୍ଚଳକୁ ପୌର ପ୍ରଶାସକ ସଂଗ୍ରାମ୍‌ଜିତ୍ ନାୟକ ଶୁକ୍ରବାର ପରିଦର୍ଶନରେ ଯାଇ ସମୀକ୍ଷା କରିଛନ୍ତି। ସନ୍ଧ୍ୟା ୭ଟା ସମୟରେ ସେ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭାଗ ପକ୍ଷରୁ ଆସୁଥିବା ଅର୍ଥ ଉନ୍ନୟନମୂଳକ କାର୍ଯ୍ୟରେ ଠିକ୍ ଭାବେ ବିନିଯୋଗ ହୋଇଛି କି ନାହିଁ ପଚାରି ବୁଝିଥିଲେ। ଗୋପାଳପୁର ବସ୍ତି ଅଞ୍ଚଳରେ କ'ଣ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ଓ ବସ୍ତିବାସିନ୍ଦା କିଭଳି ଜୀବନ ଅତିବାହିତ କରୁଛନ୍ତି ସେନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କୁ ପଚାରି ବୁଝିଥିଲେ। ଏଥିସହ ବସ୍ତି ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପୃଥିବୀ ମାନଚିତ୍ରରେ ଗୋପାଳପୁର ବସ୍ତି ଅଞ୍ଚଳକୁ ସ୍ୱତନ୍ତ୍ର ରୂପରେଖ ଦିଆଯିବ ବୋଲି ନିର୍ଦ୍ଦେଶକ ନାୟକ ପ୍ରକାଶ କରିଥିଲେ। ସେଥିମଧ୍ୟରେ ଜଳଯୋଗାଣ, ଘରୋଇ ବିଦ୍ୟୁତୀ କରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା, ବାସଗୃହ ପ୍ରଦାନ, ଯୁବକମାନଙ୍କ ପାଇଁ ଭଲିବଲ କୋର୍ଟ ଓ ପୋଖରୀ ଉନ୍ନତିକରଣ ପାଇଁ ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅବସରରେ ୫୪ନଂ. ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, ରଶ୍ମି ନାହାକ, ସରିତାରାଣୀ ପଟ୍ଟନାୟକ, ଅନାମିକା ପଟ୍ଟନାୟକ, ପ୍ରିୟରଞ୍ଜନ ମହାରଣା, ମୁନା ସେଠୀ, ଡି.ସୁଶୀଳା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଗୋପାଳପୁର ବସ୍ତି ଅଞ୍ଚଳ ପରିଦର୍ଶନ କରୁଛନ୍ତି ପୌର ପ୍ରଶାସକ।

# ପରାଙ୍କୁଶ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

**ପାତ୍ରପୁର,୩୧।୯ (ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ମହନ୍ତ ପରାଙ୍କୁଶ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭଗବାନ ବେହେରା ଆୟୋଜିତ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ କୁରେଶୁ ସେଠୀ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟାପକ ପ୍ରେମାନନ୍ଦ ଦାସ, ବସନ୍ତ କୁମାର ଦାସ, ସ୍ଥାନୀୟ ସରପଞ୍ଚ ବି. ଦେବୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟରୁ ରାଜ୍ୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଏନ୍. ଭାନୁମତୀ, ଏମ୍. ମେଘନାଦ, ଏ କୁମ୍‌କୁମ୍, ଶ୍ରୀକାନ୍ତ ସାହୁ ଓ ଏମ. ରାମୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିପିନ ବିହାରୀ ପଣ୍ଡା, ମୋ ସ୍କୁଲ ସଂଯୋଜକ ସୁରେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଖୋଲଖାଲିରେ ଜମିପଟ୍ଟା ବଣ୍ଟନ

**ବୁଗୁଡ଼ା,୩୧।୧(ଡି.ଏନ.ଏ.)**

ବୁଗୁଡ଼ା ତହସିଲ ପ୍ରଶାସନ ପକ୍ଷରୁ ଶୁକ୍ରବାର ଖୋଲଖାଲିରେ ୧୦୪ ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ସମ୍ପୃକ୍ତ ତହସିଲ ଖୋଲଖାଲି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ବ୍ଲକ ଅଧକ୍ଷା ମାମି ସେନାପତି, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ, ଖୋଲଖାଲି ସରପଞ୍ଚ ସୂର୍ଯ୍ୟମଣି ଗୌଡ଼, ସମିତିସଭ୍ୟ ବିବେକାନନ୍ଦ ବାରିକ ପ୍ରମୁଖ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହିତ ଜମିପଟ୍ଟା ବଣ୍ଟନ କରିଥିଲେ। ଏଥିରେ ମୋଟାବାଡ଼ି ରାଜସ୍ୱ ସର୍କଲର ଅନ୍ୟାନ୍ୟ ଜନ ପ୍ରତିନିଧି ଓ ଗ୍ରାମବାସୀ ଯୋଗ ଦେଇଥିଲେ।


ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ।

# ଦ୍ୱିତୀୟ ସନ୍ଧ୍ୟାରେ ମହିଳା ସଶକ୍ତୀକରଣ ଅଧିବେଶନ

**ରାଜ୍ୟସ୍ତରୀୟ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ମହୋତ୍ସବ**



ଉପସ୍ଥିତ ଅତିଥିବୃନ୍ଦ।

**କବିସୂର୍ଯ୍ୟନଗର,୩୧।୧**

କବିସୂର୍ଯ୍ୟନଗର ଏନ୍‌ଏସି ପରିସରରେ ଗୁରୁବାରଠାରୁ ରାଜ୍ୟସ୍ତରୀୟ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ମହୋତ୍ସବ ଚାଲିଛି। କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ, କବିସୂର୍ଯ୍ୟ ପ୍ରତିଭା ପରିଷଦ, ଏନ୍‌ଏସି ଓ ଓଡ଼ିଶା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଜଙ୍ଗଲ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଗୁରୁବାର ସକାଳେ ଏନଏସି ପରିସର, ବସଷ୍ଟାଣ୍ଡ ଓ ଆଇବି ଛକରେ ଥିବା ବଳଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ କବିସୂର୍ଯ୍ୟ ଜନ୍ମପୀଠ ଆଠଗଡ଼ରୁ ମଶାଲ ଅଣାଯାଇ ନଗର ପରିକ୍ରମା ପରେ ସଭା ମଞ୍ଚରେ ସ୍ଥାପନ କରାଯାଇଥିଲା। ମୁଖ୍ୟଅତିଥି ଆରୁଖ ଗଞ୍ଜାମ ମାଟିର ଦୁଇ ଯୁଗସ୍ରଷ୍ଟା ଉପେନ୍ଦ୍ର ଭଞ୍ଜ ଓ ବଳଦେବ ରଥଙ୍କ ସମ୍ପର୍କରେ କହିଥିଲେ। ମହୋତ୍ସବର ଅଧ୍ୟକ୍ଷା ତଥା ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଗଞ୍ଜାମ ଜିଲାର କଳା ସଂସ୍କୃତି ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିବା ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜ୍ଞାନାନନ୍ଦ ସାଗର, କବିସୂର୍ଯ୍ୟନଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ସମ୍ପାଦକ ମନୋରଞ୍ଜନ ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ସାହିତ୍ୟିକ ବିପିନ ବିହାରୀ ଶତପଥୀ, ସଭାପତି ପ୍ରଫେସର କୈଳାସ ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଲେଖକ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ପୁସ୍ତକ 'ମୁହୂର୍ତ୍ତର ପ୍ରତିଧ୍ୱନି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଗଞ୍ଜାମ ପ୍ରସିଦ୍ଧ ନୃତ୍ୟ, ସଂଗୀତ ସହ ସ୍ଥାନୀୟ କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ସଂଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା।
ସେହିପରି ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ମହିଳା ସଶକ୍ତିକରଣ ଅଧିବେଶନରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ ଅଧିବେଶନକୁ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅଧିବେଶନର ସଭାପତି ତଥା ମହୋତ୍ସବର ଅଧ୍ୟକ୍ଷା ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିଷ୍ଠିତ ମହିଳାଙ୍କୁ ନେଇ ମହିଳା ଅଧିବେଶନ କରିଥିଲେ। ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ବିଜେଡି ମହିଳା ଗଞ୍ଜାମ ଜିଲା ସଭାପତି ସଂଘମିତ୍ରା ଦଳେଇ, ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ବ୍ଲକ ଉପାଧ୍ୟକ୍ଷା ସଙ୍ଗୀତା ସ୍ୱାଇଁ, ମୁଖ୍ୟବକ୍ତା ଡ଼. କୃଷ୍ଣକେଶବ ଷଡ଼ଙ୍ଗୀ, ସିଡିପିଓ ବୀଣାପାଣି ମିଶ୍ର, ସମାଜସେବୀ ଇ.ମାହେଶ୍ୱରୀ ଦୋରା, ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି ଓ ଜଲିନା ପ୍ରିୟଦର୍ଶନୀ, ଓଡ଼ିଶା ଶିଶୁ ସୁରକ୍ଷା କମିଟି ସଦସ୍ୟା ମନ୍ଦାକିନୀ କର, ସ୍ମୃତି ସଂସଦ ସଭାପତି ପ୍ରଫେସର କୈଳାସ ନାଥ ସ୍ୱାଇଁ, ସଂସଦର ସମ୍ପାଦକ ତଥା ପ୍ରାକ୍ତନ ଏନଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।
ହରିକେଥା ଗୁରୁ ଲଡୁ କିଶୋର ପାଣି ଓ ପଦ୍ମନାଭ ପ୍ରଧାନଙ୍କ ଲିଖିତ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନାରୀ ଶକ୍ତି ପୁଞ୍ଜି, ନାରୀ ଓ ପୁରୁଷ ଉଭୟ ପରିପୂରକ, ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ଅତିଥିମାନେ ବକ୍ତବ୍ୟରେ ବ୍ୟାଖ୍ୟା କରିଥିଲେ।

## ସଂକ୍ଷେପରେ

### ପୋଡି ହୋଇ ଯୁବକଙ୍କ ମୃତ୍ୟୁ

**ଆସିକା,୩୧।୧(ଡି.ଏନ୍.ଏ.):** ଆସିକା ସହର ଉପକଣ୍ଠ ଧରାକୋଟ ଥାନା ଗୋଲା ଦାମୋଦରପଲ୍ଲୀ ଗ୍ରାମରେ ଶୁକ୍ରବାର ସକାଳେ ପୋଡିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡି. ସୀମାଞ୍ଚଳ ପାତ୍ର (୨୫)। କିପରି ସେ ପୋଡିହେଲେ ତାହା ସ୍ପଷ୍ଟ ଜଣାପଡିନାହିଁ। ତେବେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଘରେ ନିଆଁ ଲାଗିଯିବାରୁ ସୀମାଞ୍ଚଳ ପୋଡିଯାଇଥିବା ପରିବାର ପକ୍ଷରୁ କୁହାଯାଉଛି।

ପ୍ରକାଶ ଯେ, ଶୁକ୍ରବାର ସକାଳେ ସୀମାଞ୍ଚଳଙ୍କ ଘରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ଜଳନ୍ତା ଘର ମଧ୍ୟରୁ ଗୁରୁତର ଅବସ୍ଥାରେ ସୀମାଞ୍ଚଳଙ୍କୁ ଉଦ୍ଧାର କରିଥିଲେ। ଶରୀରର ବହୁ ଅଂଶ ପୋଡିଯାଇ ଗୁରୁତର ଥିବାରୁ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧରାକୋଟ ପୋଲିସ ଆସିକା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଘଟଣା ସମ୍ପର୍କରେ ଧରାକୋଟ ଥାନାରେ ନଂ.୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସହଦେବ ମହାପାତ୍ର ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

### ୨୨ ୱାରେଣ୍ଟି ଗିରଫ

**ଭଞ୍ଜନଗର,୩୧।୧(ଡି.ଏନ.ଏ):** ତାରସିଂ ପୋଲିସ ବିଗତ ୨ଦିନ ମଧ୍ୟରେ ୨୨ଜଣଙ୍କୁ ୱାରେଣ୍ଟ ବଳରେ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ଜଣ ୨ଟି ମାମଲାରେ ଜଡିତ ଥାଇ ଘଟଣା ଦିନଠୁ ଫେରାର ଥିବାବେଳେ ଆଉ କେତେଜଣ ଅଭିଯୁକ୍ତ କୋର୍ଟରେ ନିୟମିତ ହାଜର ନ ହେବା ଯୋଗୁ ୱାରେଣ୍ଟ ଜାରି ହୋଇଥିଲା। ଅପରାଧ ଦମନ ପାଇଁ ପୋଲିସ ପକ୍ଷରୁ ବିଗତ କିଛିଦିନ ଏହିଭଳି ଅଭିଯାନ ଚାଲିଛି ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

### ପ୍ରାଧ୍ୟାପକଙ୍କ ଅବସର

**ଭଞ୍ଜନଗର,୩୧।୧(ଡି.ଏନ.ଏ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇତିହାସ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଦାମୋଦର ଷଡ଼ଙ୍ଗୀ ଶୁକ୍ରବାର ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ କଲେଜରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ହୋଇଥିଲା। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି, ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର, ଡ. ବିନୋଦ ଦାସ, ନୃସିଂହ ଚରଣ ସୁଆର, ଡ. ପୀତବାସ ପାଳ ପ୍ରମୁଖ ଆଲୋଚନାରେ ଭାଗନେଇ ଷଡ଼ଙ୍ଗୀଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ବିଡିପୁର କଲେଜରୁ ଚାକିରି ଆରମ୍ଭ କରିଥିବା ଷଡ଼ଙ୍ଗୀ ନିଜେ ପାଠ ପଢୁଥିବା କେଏସ୍‌ୟୁବି କଲେଜରେ ଦୀର୍ଘବର୍ଷ ଧରି ଶିକ୍ଷାଦାନ କରିବା ପରେ ଶୁକ୍ରବାର ଚାକିରିରୁ ଅବସର ନେଇଛନ୍ତି।



### ବଉଳଗାଁରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଛତ୍ରପୁର,୩୧।୧(ଡି.ଏନ୍.ଏ.):** ଛତ୍ରପୁର ବ୍ଲକ ବଉଳଗାଁ କଲ୍ୟାଣେଶ୍ୱର ମହାଦେବ ପୀଠରେ ମା' ମାଲୁଆଣୀ ମନ୍ଦିର ଓ ମା ନିଳେଇଶୁଣୀ ଦେବୀଙ୍କ ପାର୍ଶ୍ୱଦେବତା ଓ ବିଗ୍ରହ ପ୍ରତିଷ୍ଠା ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ପୂର୍ବତନ ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଯୋଗ ଦେଇଥିଲେ। ଗ୍ରାମବାସୀ ସମ୍ମିଳିତ ହୋଇ ଏକ ବିଶାଳ ପଟୁଆରରେ ପୂର୍ବତନ ବିଧାୟକ ଡା. ପ୍ରଧାନଙ୍କୁ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଉକ୍ତ ମନ୍ଦିର ପୁନରୁଦ୍ଧାର ପାଇଁ ପୂର୍ବତନ ବିଧାୟକ ଡା. ପ୍ରଧାନ ଅନୁଦାନ ଦେଇଥିବା ସହ ପଞ୍ଚାୟତର ଉନ୍ନତି କାମ କରିଥିବା ଯୋଗୁ ଗ୍ରାମବାସୀ ତାଙ୍କୁ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ, ମହାନାଦପୁର ସରପଞ୍ଚ ରୁନିତା ବେହେରା, ବଉଳଗାଁ ସରପଞ୍ଚ ସରୋଜିନୀ ମହାରଣା, ମହାନାଦପୁର ସମିତି ସଭ୍ୟ ଅଶୋକ ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ସ୍ୱପ୍ନେଶ୍ୱର ନାହାକ, ବ୍ଲକ ଯୁବ ବିଜେଡି ସଭାପତି ତଥା ବିପୁଲିଙ୍ଗି ସରପଞ୍ଚ ଟି. ନରସିଂହ ରେଡ୍ଡୀ, ଜିଲା ସାଧାରଣ ସମ୍ପାଦକ ମନୋଜ ପାଢୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ରେଡ୍ଡୀ, ଭବାନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦର ବୃଦ୍ଧି ନ କଲେ ଆଖୁ ଦେବେନି ଚାଷୀ

## ଆସିକା ଚିନିଶିଳ୍ପରେ ଆଖୁପେଡା ଆରମ୍ଭ

**ଆସିକା,୩୧।୧(ଡି.ଏନ୍.ଏ.)**

ଆସିକା ସମବାୟ ଚିନିଶିଳ୍ପରେ ଚଳିତ ବର୍ଷ ପାଇଁ ଶୁକ୍ରବାର ମଧ୍ୟାହ୍ନରେ ଆଖୁପେଡା ଆରମ୍ଭ ହୋଇଛି। ଶୁଭ ମୁହୂର୍ତ୍ତ ଦିନ ପ୍ରାୟ ୧ଟାବେଳେ କାରଖାନା ଆଖୁ ନାଳିରେ ଆଖୁପକାଯାଇ ଆନୁଷ୍ଠାନିକ ଭାବେ ଆଖୁପେଡା ଆରମ୍ଭ କରାଯାଇଥିଲା। ତେବେ ଆଖୁଚାଷୀଙ୍କୁ ସେମାନଙ୍କ ଆଖୁ କାଟିବା ଲାଗି ବିଧିବଦ୍ଧ କଟିଂ ଅର୍ଡର ଦେଇ କାରଖାନାକୁ ସ୍ୱାଭାବିକ ଆଖୁପେଡା ଲାଗି ଆହୁରି ୪ ଦିନ ଲାଗିଯିବ ବୋଲି ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ସୂଚନା ଦେଇଛନ୍ତି।

ଚଳିତ ବର୍ଷ ଏହି କାରଖାନା ପରିସରଭୁକ୍ତ ଜିଲାର ବିଭିନ୍ନ ସ୍ଥାନରେ ୪ହଜାର ୨୫୦ ଏକର ଜମିରେ ଆଖୁଚାଷ କରାଯାଇଥିବାବେଳେ ସମୁଦାୟ ୮୬ ହଜାର ୩ଶହ ମେଟ୍ରିକ୍ ଟନ୍ ଆଖୁ ପେଡିବା ଲାଗି କାରଖାନା ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଦୈନିକ ୧୫ଶହ ଟନ୍ ହିସାବରେ ଆଖୁ ପେଡା ଗଲେ ସମୁଦାୟ ଆଖୁ ପେଡିବା ଲାଗି ପ୍ରାୟ ଅଢେଇ ମାସ ଲାଗିଯିବ ବୋଲି କୁହାଯାଉଛି। ତେବେ ଚଳିତ ବର୍ଷ ଏହି ଆଖୁପେଡା ଉତ୍ସବରେ କାରଖାନାକୁ ଆଖୁ ଯୋଗାଉଥିବା ଆଖୁଚାଷୀ ସଂଘ ନିଜକୁ ଦୂରେଇ ରଖିଛି। ଆଖୁଚାଷ ଲାଗି ମଜୁରି ଓ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ଆଖୁଦର ବୃଦ୍ଧି ନିମନ୍ତେ ଚାଷୀ ଦାବି କରୁଛନ୍ତି। ଏଥିପ୍ରତି କାରଖାନା କର୍ତ୍ତୃପକ୍ଷ ଉଦାସିନ ମନୋଭାବ ପୋଷଣ କରିଥିବାରୁ ଆଖୁଚାଷୀମାନେ ଏହାର ପ୍ରତିବାଦରେ ଉତ୍ସବରେ ଯୋଗଦେଇ ନ ଥିବା ସଂଘର ସଭାପତି ସମୀର ପ୍ରଧାନ ପ୍ରକାଶ କରିଛନ୍ତି। ଏପରିକି ଆଖୁ ଦର ବୃଦ୍ଧି କରା ନ ଗଲେ ଆଖୁଚାଷୀମାନେ କାରଖାନା ପକ୍ଷରୁ ଦିଆଯାଉଥିବା କଟିଂ ଅର୍ଡର ଗ୍ରହଣ କରିବେ ନାହିଁ ବୋଲି ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି।

# ସିଆର୍‌ପିଏଫ୍ ଡିଜିଙ୍କ କନ୍ଧମାଳ ଗସ୍ତ



କ୍ୟାମ୍ପରେ ସିଆର୍‌ପିଏଫ୍ ଡିଜି ଓ ଅନ୍ୟମାନେ।

**ଫୁଲବାଣୀ ଅଫିସ,୩୧।୧**

କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଡିଜି ଡ. ଏପି ମାହେଶ୍ୱରୀ ଶୁକ୍ରବାର ଦିନିକିଆ କନ୍ଧମାଳ ଗସ୍ତରେ ଆସି ବେଲଘର ସିଆରପିଏଫ କ୍ୟାମ୍ପ ପରିଦର୍ଶନ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ହେଲିକପ୍ଟର ଯୋଗେ ଆସି ବେଲଘର ହାଇସ୍କୁଲ ପଡିଆରେ ଓହ୍ଲାଇଥିଲେ। ଡିଜିଙ୍କ ସହ ସିଆର୍‌ପିଏଫର ସ୍ୱତନ୍ତ୍ର ଡିଜି, ରାଜ୍ୟ ପୋଲିସ ବିଭାଗର ଏଡିଜି (ଇଣ୍ଟେଲିଜେନ୍ସ) ସତ୍ୟଜିତ୍ ମହାନ୍ତି, ଆଇଜି (ଅପରେଶନ) ଅମିତାଭ ଠାକୁର, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ପ୍ରମୁଖ ମଧ୍ୟ ଆସିଥିଲେ। ସିଆର୍‌ପିଏଫ୍ ୧୨୭ ବାଟାଲିୟନର କମାଣ୍ଡାଣ୍ଟ ଜି. କୁମାର ଓ କନ୍ଧମାଳ ଏସ୍‌ପି ପ୍ରତୀକ୍ ସିଂ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରୁ ଡିଜି ଓ ଅନ୍ୟମାନେ ସିଆର୍‌ପିଏଫ କ୍ୟାମ୍ପକୁ ଯାଇ ମାଓ ମୁକାବିଲା ଉପରେ ସମୀକ୍ଷା କରିଥିଲେ। ପ୍ରାୟ ୩ ଘଣ୍ଟା କ୍ୟାମ୍ପରେ କଟାଇବା ପରେ ଡିଜି ଡ. ମାହେଶ୍ୱରୀ ଓ ଅନ୍ୟମାନେ ଫେରି ଯାଇଥିଲେ।

# ଜୋନାଲ ସ୍ତରୀୟ ଉଦ୍ୟମ ତାଲିମ ଶିବିର ଉଦ୍‌ଯାପିତ




ତାଲିମ ଦିଆଯାଉଛି।

**ଛତ୍ରପୁର,୩୧।୧(ଡି.ଏନ୍.ଏ.)**

## ଭିନ୍ନକ୍ଷମ ଶିଶୁଙ୍କ ବିକାଶରେ ଶିକ୍ଷକଙ୍କ ଭୂମିକା

ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ଜୋନାଲ ସ୍ତରୀୟ ଉଦ୍ୟମ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଓ ଗଜପତି ଜିଲାରେ କାର୍ଯ୍ୟରତ ସମସ୍ତ ଗୋଷ୍ଠୀ ସମ୍ବଳ ଶିକ୍ଷକ ଓ ପ୍ରତି ବ୍ଲକରୁ ଜଣେ ଲେଖାଏ ଶିକ୍ଷକ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା ଯୋଗଦେଇ ତାଲିମ ଦିଆଯାଇଥିବା ଶିକ୍ଷାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୨ରୁ ଆରମ୍ଭ ହୋଇଥିବା ଉକ୍ତ ତାଲିମ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବିନିତା ସେନାପତି ଯୋଗଦେଇ ଦିବ୍ୟାଙ୍ଗ ଶିଶୁଙ୍କ ବିକାଶରେ ଶିକ୍ଷକଙ୍କ ଭୂମିକା ଉପରେ କହିଥିଲେ। ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଓଡିଶା ପ୍ରାଥମିକ ଶିକ୍ଷା ପ୍ରାଧୀକରଣ ଉପ ନିର୍ଦ୍ଦେଶକ ଡ. ଉଦୟନାଥ ମାଝି, ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅଶୋକ କୁମାର ମହାପାତ୍ର ଭିନ୍ନକ୍ଷମ ଶିକ୍ଷା ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ (ଅନ୍ତର୍ନିବେଶୀ ଶିକ୍ଷା) ତପନ କୁମାର ସାହୁ ସଂଯୋଜନା କରିଥିବା ବେଳେ ପ୍ରଣବ କୁମାର ଶତପଥୀ, ଡମ୍ବରୁ ଦୋରା, ବିଜୟ କୁମାର ବେହେରା, ଅଶ୍ୱିନୀ କୁମାର ପାଇକରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ୩ ଛାତ୍ର ଆହତ

**ଫିରିଙ୍ଗିଆ,୩୧।୧**

ଫିରିଙ୍ଗିଆ ନେଡିପଦରଠାରେ ଥିବା ବାଳକ ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏକ ବାଇକ ଲୁହାଖୁଣ୍ଟରେ ପିଟି ହେବାରୁ ୩ ଛାତ୍ର ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ରହିଥିବାବେଳେ ଅନ୍ୟ ୨ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଛାତ୍ର ଜଣକ ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ଗାଁର ବାବୁଲା କହଁର। ଆହତ ଛାତ୍ର ହେଲେ ପଟିଲିପଡିଆ ଗାଁର ମନୋରଞ୍ଜନ କହଁର ଓ କାଶିନିପଦର ପଞ୍ଚାୟତ ତଳପଡା ଗାଁର ଦ୍ରୋଣ କହଁର। ଛାତ୍ର ୩ଜଣ ସମ୍ପର୍କୀୟଙ୍କ ବାଇକରେ ଫିରିଙ୍ଗିଆରୁ ସ୍କୁଲକୁ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ୩ ଛାତ୍ର ଛାତ୍ରାବାସରେ ରହୁଥିଲେ। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଛାତ୍ରାବାସ ଦାୟିତ୍ୱରେ ଥିବା କର୍ମଚାରୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ଅଭିଭାବକ। କନ୍ଧମାଳ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା ଓ ଫିରିଙ୍ଗିଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ବେହେରା ମେଡିକାଲ ଓ ପରେ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜୁନିୟର ଶିକ୍ଷକ ଚାକିରିରୁ ବହିଷ୍କୃତ

**ଛତ୍ରପୁର,୩୧।୧(ଡି.ଏନ.ଏ.)**

## ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି

ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ ଚାକିରୀରୁ ବହିଷ୍କୃତ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ପି. ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଜେ. ସୁକାନ୍ତି ରେଡ୍ଡୀ। ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ବିନିତା ସେନାପତି ୨୮ ତାରିଖରେ (ଚିଠି ନଂ–୧୬୨୯) ତାଙ୍କୁ ବହିଷ୍କୃତ କରିଛନ୍ତି। ଜାନୁୟାରୀ ୧୦ରୁ ଏହି ବହିଷ୍କୃତ ନିର୍ଦ୍ଦେଶନାମା ଲାଗୁ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୧ ପରଠାରୁ ଗଞ୍ଜାମ ଜିଲାରେ ନିଯୁକ୍ତି ପାଇଥିବା ସମସ୍ତ ଜୁନିୟର ଟିଚର, ଶିକ୍ଷା ସହାୟକ ମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଆସିଥିଲା। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବ୍ଲକରେ ୨୦୧୧ ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ଜୁନିୟର ଟିଚର ଓ ଶିକ୍ଷା ସହାୟକ ମାନଙ୍କର ଶିକ୍ଷାଗତ ତାଲିମ ପ୍ରମାଣପତ୍ର ଏକ ଟିମ୍ ଦ୍ୱାରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରାଯାଇଥିଲା। ପରେ ସନ୍ଦେହ ହୋଇଥିବା ପ୍ରମାଣପତ୍ରର ଯାଞ୍ଚ ପାଇଁ କଟକ ସ୍ଥିତ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନକୁ ପଠାଯାଇଥିଲା। ଜୁନିୟର ଶିକ୍ଷକ ରେଡ୍ଡୀଙ୍କ ମାଟ୍ରିକ୍ ପ୍ରମାଣପତ୍ର ଓ ମାର୍କଶିଟ୍ ଜାଲ୍ ଥିବା ବିଏସ୍‌ଇ କନ୍‌ଫିଡେନ୍ସିଆଲ ରୁମ୍‌ର ଆସିଷ୍ଟାଣ୍ଟ ସେକ୍ରେଟାରୀଙ୍କ ନିକଟରୁ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ଆସିଥିଲା। ବ୍ଲକ ଶିକ୍ଷା ଅଧିକାରୀ ଏନେଇ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଜଣାଇଥିଲେ। ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଶିକ୍ଷକଙ୍କୁ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ବହିଷ୍କୃତ କରିଛନ୍ତ। ଏଥିସହ ନିଯୁକ୍ତି ପାଇବା ଠାରୁ ଆଜି ପର୍ଯ୍ୟନ୍ତ ନେଇଥିବା ଦରମା ବାବଦ ଅର୍ଥ ଶିକ୍ଷୟିତ୍ରୀଙ୍କ ଠାରୁ ଆଦାୟ କରିବାକୁ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ କୁହାଯାଇଛି।

# ଚେରମୂଳି ଚିକିତ୍ସା ଦେଇଛି ସ୍ୱତନ୍ତ୍ର ପରିଚୟ

**ଦାରିଙ୍ଗବାଡ଼ି,୩୧।୧(ଡି.ଏନ.ଏ.)**



ମହେଶକ ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିର ୫୯ ନଂ. ଜାତୀୟରାଜପଥ କଡ଼ରେ ଜଣେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି।

କନ୍ଧମାଳ ଜିଲା ରାଇକିଆ ବ୍ଲକ ସୁଗଡ଼ବାଡ଼ି ପଞ୍ଚାୟତ ମୁରୁଡ଼ିପାଙ୍ଗା ଗ୍ରାମର ମହେଶକ ନାୟକ(୭୨)। ରାଇକିଆ ସମେତ ଦାରିଙ୍ଗବାଡ଼ି ଅଞ୍ଚଳରେ ପ୍ରାୟ ୧୪ ବର୍ଷ ହେଲା ଲୋକଙ୍କୁ ଚେରମୂଳି ଚିକିତ୍ସା ପଦ୍ଧତିରେ ରୋଗ ଭଲ କରୁଛନ୍ତି। ପୂର୍ବରୁ ସେ ନିଜ ଜିଲା ସମେତ ପଡ଼ୋଶୀ କଳାହାଣ୍ଡି, ଗଜପତି, ଗଞ୍ଜାମ ଏବଂ ରାୟଗଡ଼ାର ବିଭିନ୍ନ ଅଞ୍ଚଳରେ ବୁଲି ଚିକିତ୍ସା କରିବା ସହ ଜଙ୍ଗଲରୁ ସଂଗ୍ରହ କରିଥିବା ଚେରମୂଳି ବିକ୍ରୀ କରୁଥିଲେ। ଏବେ ପୂର୍ବଭଳି ଆଉ ଅନ୍ୟ ଜିଲାକୁ ନିୟମିତ ଯାଇ ପାରୁ ନାହାନ୍ତି। କୌଣସି ରୋଗୀଙ୍କ ସମ୍ପର୍କୀୟ ଅନ୍ୟ ଜିଲାରୁ ଆସି ଡାକିଲେ ସେ ସ୍ୱତନ୍ତ୍ରଭାବେ ଯାଇ ଚିକିତ୍ସା କରୁଥିବା କହିଛନ୍ତି। ଘରେ ବୋହୂ ଓ ନାତି ସହ ରହୁଛନ୍ତି। ପୁଅ କେରଳରେ ରହି କାମ କରୁଛି। ସେଠାରୁ ଟଙ୍କା ପଠାଇବା ସହ ମହେଶକ ଚିକିତ୍ସା କରି ଯାହା ରୋଜଗାରେ କରନ୍ତି ସେଥିରେ ୩ ପ୍ରାଣୀ କୁଟୁମ୍ବ ଚଳେ। ପ୍ରଶାସନ ପକ୍ଷରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଆଜି ପର୍ଯ୍ୟନ୍ତ ମିଳିନାହିଁ। ଚଳିତ ମାସଠାରୁ ପଞ୍ଚାୟତ ପକ୍ଷରୁ ଭତ୍ତା ମିଳିବା ନେଇ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି।

ମହେଶକ କୁହନ୍ତି ଯେ, ବିଭିନ୍ନ ସରଳ ଚିକିତ୍ସା ସମ୍ବନ୍ଧୀୟ ପୁସ୍ତକ କିଣି ପଢ଼ିବା ସହ ଚିକିତ୍ସା ପାଇଁ ମନ ବଳାଇଥିଲେ। ପ୍ରଥମେ ଜଙ୍ଗଲକୁ ଯାଇ ଗଛ ଚିହ୍ନିବା ସହ ଚିକିତ୍ସା ପଦ୍ଧତି ଏବଂ ଔଷଧ ସେବନ ବିଧି ଆଦି ଶିଖିଲେ। ପରେ ଚିକିତ୍ସା ଆରମ୍ଭ କଲେ। ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଚିକିତ୍ସା କରୁଛନ୍ତି। ସେ ବିଭିନ୍ନ ପ୍ରକାର ରୋଗ ଭଲ କରୁଥିଲେ ମଧ୍ୟ ଗ୍ୟାଷ୍ଟ୍ରିକ୍, ବାତ ସମ୍ବନ୍ଧୀୟ ରୋଗ ଓ ଗାଇନିକ୍ ସମସ୍ୟା ନେଇ ବହୁ ରୋଗୀ ଆସନ୍ତି ବୋଲି କହିଛନ୍ତି। ଏହି ବିଦ୍ୟା ପୁଅ ରୁନାଙ୍କୁ ଶିଖାଇବାକୁ ଚାହୁଁଥିଲେ ମଧ୍ୟ ସେ ଆଗ୍ରହ ପ୍ରକାଶ କଲେ ନାହିଁ। ଏବେ ନାତିକିରଣ(୧୩)ଙ୍କୁ ଏ ସମ୍ପର୍କରେ କିଛିକିଛି ଶିଖାଉଛନ୍ତି। ତାଙ୍କର ମଧ୍ୟ ଏଥିପ୍ରତି ଆଗ୍ରହ ଥିବା କୁହନ୍ତି ଜେଜେବାପା ମହେଶକ। ଏହି ବିଦ୍ୟାପାଇଁ ସେ ଯେଉଁଆଡ଼େ ଯାଉଛନ୍ତି ତାଙ୍କୁ ଲୋକେ ପ୍ରଶଂସା କରୁଛନ୍ତି। ଏବେ ମଧ୍ୟ ସେ ରାସ୍ତା କଡ଼ରେ ନିଜ ଚେରମୂଳିର ପସରା ମେଲି ବସନ୍ତି ଏବଂ ତାଙ୍କ ନିକଟରେ ରୋଗୀ ଭିଡ଼ ଜମାନ୍ତି। ସମସ୍ତ ଆବଶ୍ୟକ ଚେରମୂଳିକୁ ସେ ରୋଗୀଙ୍କ ସମ୍ମୁଖରେ କୁଟି ଗୁଣ୍ଡ କରି ଦିଅନ୍ତି।

# ସୁପର ଓଭରରେ ଜିତିଲା ମୁଣ୍ଡମରାଇ

**ଆସିକା,୩୧।୧(ଡି.ଏନ୍.ଏ.)**

## କାହ୍ନୁ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଆସିକା ଏନ୍‌ଏସି ତାଲୁକ ଛକଠାରେ ଚାଲିଥିବା କାହ୍ନୁ ଚରଣ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ଖେଳ ଶୁକ୍ରବାର ମୁଣ୍ଡମରାଇ ଗାଲାକ୍ସି ଇଲେଭେନ୍ ଓ ଆସିକା ଅମରନାଥ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମୁଣ୍ଡମରାଇ ବିଜୟୀ ହୋଇଛି। ଟସ୍ ଜିଣି ମୁଣ୍ଡମରାଇ ବୋଲିଂ ନିଷ୍ପତ୍ତି ନେଇଥିଲା। ଆସିକା ଅମରନାଥ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ଟି ଉଇକେଟ୍ ହରାଇ ୧୮୮ ରନ୍ କରିଥିଲା। ଜବାବରେ ମୁଣ୍ଡମରାଇ ୧୮୮ କରିବାରୁ ମ୍ୟାଚ୍ ଟାଇ ହୋଇଥିଲା। ପରେ ସୁପର୍ ଓଭର୍‌ରେ ମୁଣ୍ଡମରାଇ ୨୩ ରନ୍ ସଂଗ୍ରହ କରିଥିବା ବେଳେ ଆସିକା ଦଳ ୧୦ ରନ୍ କରି ପରାଜିତ ହୋଇଥିଲେ। ମୁଣ୍ଡମରାଇ ଦଳର ବଳରାମ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ତ୍ରିଲୋଚନ ପାତ୍ର।

# ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତା

**ଫିରିଙ୍ଗିଆ,୩୧।୧**

ଫିରିଙ୍ଗିଆ ବ୍ଲକ ବନ୍ଧଗଡସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତୀ କାର୍ଯ୍ୟାଳୟ ପରିସରରେ ଏକ ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସମ୍ପାଦକ ହରିଶଙ୍କର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ସୀମାଞ୍ଚଳ ମୁଖି ବିଚାରକ ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଏଏସ୍‌ଏଫ୍ ପ୍ରଭଞ୍ଜନ କହଁର ପରିଚାଳନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ନିଜ ନିଜର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା ସହ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଉପସ୍ଥିତ ଅତିଥିମାନେ ମଧ୍ୟ ଶିକ୍ଷଣ ସାମଗ୍ରୀ ବିଷୟରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ଅଭିଭାବକ ମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୮ ପଞ୍ଚାୟତର ଅଭିଭାବକ ଯୋଗ ଦେଇଥିଲେ। ଶିକ୍ଷଣ ସାମଗ୍ରୀ କରିଥିବା ୮ଜଣ ଅଙ୍ଗନୱାଡି ଦିଦିଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଅନୁଷ୍ଠାନର ମାଳତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

# ଭଞ୍ଜନଗର, ଗୋବରା କଲେଜରେ ଭବିଷ୍ୟତ ଗଠନ କର୍ମଶାଳା

**ଭଞ୍ଜନଗର,୩୧।୧(ଡି.ଏନ.ଏ.)**




କେଏସ୍‌ୟୁବି କଲେଜ ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଓ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେଏସ୍‌ୟୁବି କଲେଜ କର୍ମଶାଳାକୁ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି କର୍ମଶାଳାରେ ସଭାପତିତ୍ୱ କରିଥିଲେ। ସିଇଓ ରୂପଜ ପଣ୍ଡା, ଆଇପିଓ ପ୍ରଦୀପ ସାହୁ, ଅଧ୍ୟାପକ ରଞ୍ଜିତ ପାଢ଼ୀ, ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଖାଲି ପାଠ ପଢ଼ିଲେ ହେବ ନାହିଁ। ଭବିଷ୍ୟତ ଗଠନ କରିବା ପାଇଁ ଉଚିତ ସ୍ୱପ୍ନ ଦେଖିବାକୁ ପଡିବ। ସ୍ୱପ୍ନକୁ କିଭଳି ସାକାର କରାଯିବ ସେନେଇ ଯୋଜନା ପ୍ରସ୍ତୁତ କରିବାକୁ ପଡିବ। କର୍ମଶାଳାରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟକ୍ଷା ମାମା ପରିଡା ସଭାପତିତ୍ୱ କରିଥିଲେ। କ୍ଷତ୍ରିୟବରପୁର ବୁଢ଼ାକେନ୍ଦୁ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଚିତ୍ତରଞ୍ଜନ ରଥ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ଭବିଷ୍ୟତ ଗଠନ ପାଇଁ କିଭଳି ପ୍ରସ୍ତୁତ ହେବେ ସେନେଇ ଛାତ୍ରୀମାନଙ୍କୁ କହିଥିଲେ। ନୋଡାଲ ଅଫିସର ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଲିଜା ମାଝୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ସୁଧିରା କିଶୋରୀ ମହାପାତ୍ର, କୈଳାଶ ଚନ୍ଦ୍ର ପାଢ଼ୀ, ଅଶ୍ୱିନୀ ପାଗଡ, ସନ୍ନ୍ୟାସି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର କୁମାର ଦାସ ସାଧନ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ।

